## ସଂକ୍ଷେପରେ

### ଜେଲରୁ କଏଦୀ ଫେରାର

ରାଇରଙ୍ଗପୁର, ୭।୧ (ମାନସ ମହାନ୍ତି)–ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପକାରାଗାରରୁ ଜଣେ କଏଦୀ ଶନିବାର ଅପରାହ୍ନରେ ଫେରାର ହୋଇଯାଇଛନ୍ତି। ଏକ ହତ୍ୟା ମାମଲାରେ ସେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ଜେଲ ମୁଖ୍ୟ ଫାଟକ ଦେଇ ଅଚାନକ ଖସି ପଳାଇଛନ୍ତି। ଫେରାର କଏଦୀ ଜଣକ ହେଉଛନ୍ତି ବିଶୋଇ ଥାନା ଅଧୀନ ବୁଢ଼ାମରା ଗ୍ରାମର ମୁକୁନ୍ଦ ଲୋହାର(୩୩)। ଏନେଇ ରାଇରଙ୍ଗପୁର ଉପକାରାଗାରର ସୁପରିଟେଣ୍ଡେଣ୍ଟ ବୁଲୁ ମାଟିଆଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୮/୨୦୨୪) ରୁଜୁ କରିଛି।

ସୂଚନା ଅନୁଯାୟୀ, ୨୦୧୭ରେ ଏକ ହତ୍ୟା ମାମଲାରେ ମୁକୁନ୍ଦ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ରାଇରଙ୍ଗପୁର ଉପକାରଗାରରେ ଆଜୀବନ ସଜା କାଟୁଥିଲେ। ଏତେବର୍ଷ ଧରି ଜେଲରେ ରହିଥିବା ବେଳେ ସେ ବିଭିନ୍ନ କାର୍ଯ୍ୟ କରି ଆସୁଥିଲେ। ଏ ସମ୍ପର୍କରେ ରାଇରଙ୍ଗପୁର ସବ୍‌ଜେଲ ସୁପରିଟେଣ୍ଡେଣ୍ଟଙ୍କୁ ପଚାରିବାରୁ ଜେଲର କର୍ମଚାରୀ ଏବଂ ପୋଲିସ ପକ୍ଷରୁ ଫେରାର କଏଦୀଙ୍କୁ ଧରିବା ପାଇଁ ଖୋଜା ଚାଲିଥିବା କହିଛନ୍ତି।

### ଜଳିଗଲା ଦୋକାନ

ଧାମନଗର,୭।୧(ଦେବେନ୍ଦ୍ର ଆଦିଆ)– ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖଡ଼ିପଦା ପଞ୍ଚାୟତ ଦକ୍ଷିଣକୁରୁଆ ଛକଠାରେ ଥିବା ଆନନ୍ଦ ସାହୁଙ୍କ ଜଳଖିଆ ଦୋକାନ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଜଳିଯାଇଛି। ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଆନନ୍ଦଙ୍କ ଦୋକାନରେ ଥିବା ସମସ୍ତ ତେଜରାତି ଜିନିଷ ସହ ଆସବାବପତ୍ର ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

### କଳାକାରଙ୍କୁ ମରଣାନ୍ତକ ଆକ୍ରମଣ

ଉଦଳା,୭।୧(ସନ୍ତୋଷ କୁମାର ବାଛିନି): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଜାମବଣି ଛକରେ ଜଣେ ଯାତ୍ରା କଳାକାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। କଳାକାର ଜଣଙ୍କ ହେଲେ ସନ୍ତୋଷ ବେହେରା। ସେ ଚକଲେଟ ରଙ୍ଗମଞ୍ଚରେ କାର୍ଯ୍ୟ କରନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କପ୍ତିପଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସନ୍ତୋଷ ଶନିବାର ରାତିରେ ଭଦ୍ରକ ଡଗରପଡ଼ାରୁ ଯାତ୍ରା ସାରି ଉଦଳା ନିଜ ଘରକୁ ଫେରୁଥିଲେ। କପ୍ତିପଦା ଥାନା ଜାମବଣି ଛକ ନିକଟରେ ତାଙ୍କ ଗାଡ଼ି ସାମ୍ନାକୁ ଜଣେ ଯୁବକ ଆସି ସାଇଡ ମାରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉକ୍ତ ବ୍ୟକ୍ତି ସନ୍ତୋଷଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଏଥି ସହିତ ଯୁବକ ଜଣକ ସନ୍ତୋଷଙ୍କ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଏ ନେଇ ଅଭିଯୋଗ ପରେ ଥାନାରେ ଏକ ମାମଲା(ନଂ.୯/୨୪) ରୁଜୁ ହୋଇଛି। ରବିବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରବଞ୍ଜନ ବେହେରା କହିଛନ୍ତି।

### ମାଛ ଧରିବାକୁ ଯାଇ ଜୀବନ ଗଲା

ବାସୁଦେବପୁର, ୭।୧ (ନାରାୟଣ ପ୍ରସାଦ ବାରିକ୍)–ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ନୂଆଗାଁ ପଞ୍ଚାୟତ ଉହାଡ଼ ଗ୍ରାମର ମତ୍ସ୍ୟଜୀବୀ ରବୀନ୍ଦ୍ର କୁମାର ମଳିକ(୬୦) ମାଛ ଧରିବାକୁ ଯାଇଥିବା ବେଳେ ବୋଟ୍‌ରୁ ଖସି ପଡ଼ିବାରୁ ସମୁଦ୍ରରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରବୀନ୍ଦ୍ର ଗତ ମଙ୍ଗଳବାର ମା' ଗାୟତ୍ରୀ ନାମକ ଏକ ମାଛଧରା ବୋଟ୍‌ରେ ଚୁଡ଼ାମଣି ଜେଟିରୁ ସମୁଦ୍ରକୁ ମାଛ ଧରିବାକୁ ସାଥୀମାନଙ୍କ ସହ ଯାଇଥିଲେ। ଅସାବଧାନତା ବଶତଃ ସେ ବୋଟ୍‌ରୁ ସମୁଦ୍ରକୁ ଖସି ପଡ଼ିଥିଲେ। ସହଯୋଗୀ ମତ୍ସ୍ୟଜୀବୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସମୁଦ୍ର ମୁହାଣ ଅଭିମୁଖେ ଆସି ଶନିବାର କୂଳରେ ପହଞ୍ଚିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ଅପମୃତ୍ୟୁ ମାମଲା (ନଂ.୧/୨୪) ରୁଜୁ କରିଛି।

# ଆକର୍ଷଣ ସାଜିଲା ଜଗନ୍ନାଥଙ୍କ ଚିତ୍ର

## ବାଲେଶ୍ୱର ସଦର ବ୍ଲକରେ ଗଡ଼ିଲା ଜଗନ୍ନାଥ ଅର୍ପଣ ରଥ

ରୂପ୍‌ସା,୭।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସଦର ବ୍ଲକ ରସଲପୁର ପଞ୍ଚାୟତରେ ରବିବାର ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ମଛଡ଼ିହା ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମୁଖ୍ୟ ଅତିଥି ବିଧାୟକ ସ୍ୱରୂପ କୁମାର ଦାସ ଏହି ରଥର ଶୁଭାରମ୍ଭ କରିଥିଲେ। ଯୁବତୀ ଓ ମହିଳାମାନଙ୍କ ଦ୍ୱାରା ମନ୍ଦିର ପରିସରରେ ମୁରୁଜରେ ଅଙ୍କାଯାଇଥିବା ଜଗନ୍ନାଥଙ୍କ ଚିତ୍ର ଆକର୍ଷଣୀୟ ଥିଲା। ଖୋଳ, ଝାଞ୍ଜର ତାଳେ ତାଳେ ଭକ୍ତମାନେ ଭଜନ, କୀର୍ତ୍ତନ ସହ ଦୀପ ଜାଳି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ନୋଡାଲ ଅଫିସର ବେଣୁଧର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲାପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ବିଜେଡି ଜିଲା ସମ୍ପାଦକ ଶକ୍ତିପଦ ରାୟ, ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା, ବ୍ଲକ ଚେୟାରମ୍ୟାନ୍ ସୁନୀତା ବେହେରା, ବିଡିଓ ସମରଜିତ୍ କର, ଏବିଡିଓ ଅଶୋକ କୁମାର ଦାସ, ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା, ସମିତିସଭ୍ୟ ଅନିତା ଜେନା, ଯୁବ ସଭାପତି ଦିଲ୍ଲୀପ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ସଂକୀର୍ତ୍ତନ ମଣ୍ଡଳି ସହ ଏହି ରଥ ଗ୍ରାମ ପରିକ୍ରମା କରି ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲା। ଏହି ଉତ୍ସବରେ ଗ୍ରାମବାସୀଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।



ଯୁବତୀ ଓ ମହିଳାମାନେ ମୁରୁଜରେ ଜଗନ୍ନାଥଙ୍କ ଚିତ୍ର କରୁଛନ୍ତି।

## ୩୫ ପଞ୍ଚାୟତ ବୁଲିବ ଜଗନ୍ନାଥ ଅର୍ପଣ ରଥ

ଜଳେଶ୍ୱର,୭।୧(ରବିନାରାୟଣ ପାତ୍ର/ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ରାଜପୁର ପଞ୍ଚାୟତର ଓଳିନ୍ଦା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ରବିବାର ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଭାଷା, ସାହିତ୍ୟ, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହି ରଥ ପରିକ୍ରମାକୁ ଶୁଭାରମ୍ଭ କରିଥିଲେ। ବିଡିଓ ପୁନମ୍ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ଜିଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ମଧୁସୂଦନ ସେନାପତି, ଚନ୍ଦନ ଦାସ, ରବିନାରାୟଣ ମିଶ୍ର, ସରପଞ୍ଚ ମମତା ପରିଡ଼ା, ଅରୁଣ ସେନାପତି, ସମର ବଲ୍ଲଭ ସାହୁ, ଗୋପୀବଲ୍ଲଭ ସାହୁ, ରାଜବଲ୍ଲଭ ସାହୁ, ଅଭୟ ଦାସ, ହିମାଂଶୁ ପ୍ରଧାନ, ଜ୍ୟୋସ୍ନାରାଣୀ ପ୍ରଧାନ, ମଧୁସୂଦନ ପାଲ, ଲେଲିନ୍ ପ୍ରଧାନ, ନନୀ ଗୋପାଳ ଭୂୟାଁ, କରୁଣାକର ଭୂୟାଁ, ସେକ୍ ଇସ୍ରାଇଲ, ଆଦିକନ୍ଦ ପାତ୍ର, ଦେବୁ ଗୋଚ୍ଛାୟତ, ଜୟଦେବ ବିଶ୍ୱାଳ, ସୁନିଲ ନାୟକ, ଅଜୟ ଜେନା, ଉତ୍ତମ ପାତ୍ର, କାହ୍ନୁଚରଣ ଜେନା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ରଥ ବ୍ଲକ ଅଧୀନ ୩୫ ପଞ୍ଚାୟତ ପରିକ୍ରମା କରିବ।

## ନଡ଼ିଆ ଭାଙ୍ଗି ଶୁଭାରମ୍ଭ କଲେ ଜିଲାପାଳ

ନୀଳଗିରି,୭।୧(ପ୍ରଶାନ୍ତ ବିଶ୍ୱାଳ)

**ନୀଳଗିରିରେ ଜଗନ୍ନାଥ ଅର୍ପଣ ରଥ**

ବାଲେଶ୍ୱର ଜିଲା ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରୁ ରବିବାର ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନଡ଼ିଆ ଭାଙ୍ଗି ଓ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ, ଧୂପ ଦୀପ ଦିଆଯିବାପରେ ପଣ୍ଡିତ ପପୁ କରଙ୍କ ଦ୍ୱାରା ୬ଟି ହାଣ୍ଡିକା ଶୋଧନ କରାଯାଇଥିଲା। ପରେ କାର୍ଯ୍ୟକ୍ରମର ନୋଡାଲ ଅଫିସର ତାପସ କୁମାର ଭୂୟାଁଙ୍କୁ ଜିଲାପାଳ ଅର୍ପଣ ହାଣ୍ଡି ସମର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ସ୍ଥାନୀୟ ଉପଜିଲାପାଳ ମନ୍ଦରଧର ମହାଲିକ, ତହସିଲଦାର ତୃପ୍ତିରେଖା ବେହେରା, ବିଡିଓ ରାହୁଲ ମଣ୍ଡଳ, ଏନ୍‌ଏସି ଅଧିକାରୀ ଅକ୍ଷୟ କୁମାର ବଡୁ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଉପାଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ୩ ଜିଲାପରିଷଦ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଓଡ଼ିଶୀ ନୃତ୍ୟରେ ସ୍ୱାଗତ କଲେ ଛାତ୍ରୀ

ବାହାନଗା,୭।୧(ଅରୂପ୍ କୁମାର ଦାସ)

**ବାହାନଗାରେ ଜଗନ୍ନାଥ ଅର୍ପଣ ରଥ**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ତାଳକୁରୁଣିଆଁ ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ସୋର ବିଧାୟକ ପର୍ଶୁରାମ ଧଡ଼ା ଏହାର ଶୁଭାରମ୍ଭ କରିଥିଲେ। ବିଡିଓ ରବିନ୍ଦ୍ର କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷା ବାସନ୍ତୀ ପତି,ସରପଞ୍ଚ ସଞ୍ଜନା ଯେନା, ସମିତିସଭ୍ୟା ଗାୟତ୍ରୀ ଯେନା, ଯୋଗେଶ ଚନ୍ଦ୍ର ପତି,ବିଜୟ କୁମାର ସାହୁ , ପ୍ରଭାକର ମିଶ୍ର , ଗୁଲକ ପୁହାଣଙ୍କ ସମେତ ବ୍ଲକ କନିଷ୍ଠ ଯନ୍ତ୍ରୀ ଅଜୟ ସିଂ, ଅତିରିକ୍ତ ଯନ୍ତ୍ରୀ ଅଜୟ ବେହେରା, ଗୋପାଳ ଯେନା ପ୍ରମୁଖ ଉପସ୍ଥିତ ଥିଲେ। ତାଳକୁରୁଣିଆ ଜଗନ୍ନାଥ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯିବା ସହିତ ଜଣେ ଛାତ୍ରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରି ରଥକୁ ସ୍ୱାଗତ କରିଥିଲେ। ପ୍ରଶାସନ ଓ ସରପଞ୍ଚଙ୍କ ସହାୟତାରେ ମନ୍ଦିର ପରିସରରେ ଗ୍ରାମବାସୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

## ଉଚ୍ଛୁଳିପଡ଼ିଲା ଗାଁ ଦାଣ୍ଡ

ଭୋଗରାଇ,୭।୧(ପ୍ରଦୀପ ଦାସ)– ବାଲେଶ୍ୱର ଜିଲା ଭୋଗରାଇରେ ରବିବାର ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ବ୍ଲକରୁ ଗାଁ ଦାଣ୍ଡ ଉଚ୍ଛୁଳି ପଡ଼ିଛି। 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପୁଛି ପୁରପଲ୍ଲୀ। ନେତା, ଜନତା, ସରକାରୀ କର୍ମଚାରୀ ସମସ୍ତେ ଏକାକାର ହୋଇଛନ୍ତି। ପ୍ରତ୍ୟେକ ପରିବାର ଘର ଦୁଆରେ ଥାଇ ଶ୍ରଦ୍ଧାରେ ବଢ଼ାଇ ଦେଉଛନ୍ତି ଅରୁଆ ଚାଉଳ ଓ ଗୁଆ। ଭୋଗରାଇ ବ୍ଲକ ପରିସରରେ ମହାସମାରୋହରେ ଏହି 'ଅର୍ପଣ ରଥ' ଶୁଭାରମ୍ଭ ହୋଇଥିଲା। ପ୍ରଥମ ଦିବସରେ ୬ଟି ପଞ୍ଚାୟତରେ ଗଡ଼ିଛି ରଥ। ବିଧାୟକ ଅନନ୍ତ ଦାସ ପୂଜାର୍ଚ୍ଚନା ସହିତ ନଡ଼ିଆ ଭାଙ୍ଗି ଏହି 'ଅର୍ପଣ ରଥ'ର ଶୁଭାରମ୍ଭ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଡିଓ ଉମାକାନ୍ତ ପରିଡ଼ା, ସିଡିପିଓ ପବିତ୍ରା ହାଜିରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଦୀପ୍ତ କୁମାର ରାଉତ ଓ ପପୁ ଭୂୟାଁ, ଜିଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ ଓ ନିବେଦିତା ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଭବେନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବହୁ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

## ଭାବଭକ୍ତିରେ ସ୍ୱାଗତ କଲା ଖଇରାମାଟି



ଜଣେ ମହିଳା ଗୁଆ,ଚାଉଳ ପ୍ରଦାନ କରୁଛନ୍ତି।

ଖଇରା,୭।୧(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକରେ ପୂଜାର୍ଚ୍ଚନା ପୂର୍ବକ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ପ୍ରଥମେ ଖଇରା ବ୍ଲକ ପରିସରରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ତାରିଣୀ ମନ୍ଦିରରେ ପୂଜା ସହ ରଥର ପୂଜା କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ଅନନ୍ତ କୁମାର ହାଁସଦା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର, ସଭ୍ୟ ମାନସ ଦାଶ, ସରପଞ୍ଚ ମାଳତୀଲତା ସେଠୀ, ସମିତିସଭ୍ୟା ନର୍ମଦା ଦେଓଙ୍କ ଉପସ୍ଥିତିରେ ବିଧାୟକ ପତାକା ହଲାଇବା ପରେ ରଥ ଆଗକୁ ବଢ଼ିଥିଲା। ଶତାଧିକ ଜନସାଧାରଣଙ୍କ ଓ ନେତୃବୃନ୍ଦଙ୍କ ଗହଣରେ ବିଧାୟକ ରଥ ସହ ଚାଲି ଚାଲି ଖଇରା ବଜାର ଓ ଆଳଦା ଗ୍ରାମକୁ ଯିବା ପରେ ପ୍ରତ୍ୟେକ ପରିବାର ଭାବଭରା ଭକ୍ତିରେ ଚାଉଳ ଓ ଗୁଆ ସମର୍ପଣ କରିଥିଲେ। ପ୍ରତ୍ୟେକ ଘରର ମହିଳାମାନେ ଏହି ରଥକୁ ଉଚ୍ଛସିତ ସମ୍ବର୍ଦ୍ଧନା ମଧ୍ୟ ଜ୍ଞାପନ କରିଥିଲେ।



ବାଲିଆପାଳରେ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

## ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଗାଁ

ବାଲିଆପାଳ,୭।୧(ଗୋପାଳ ଚନ୍ଦ୍ର ସାହୁ)– ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଖଗଡ଼ାପାଳ ଶ୍ରଦ୍ଧାପତି ଜଗନ୍ନାଥ ମନ୍ଦିରରୁ ରବିବାର ପୂର୍ବାହ୍ନରେ ଶ୍ରୀମନ୍ଦିର ପରିକ୍ରମା ଓ ଅର୍ପଣ ରଥ ଏକ ଭବ୍ୟ ପରିବେଶ ମଧ୍ୟରେ ବାହାରିଛି। ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତକୁ ଏହି ରଥ ପରିକ୍ରମା କରି ପ୍ରତି ଘରକୁ ଯାଇ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ଉକ୍ତ ରଥ ପରିକ୍ରମା କରୁଥିବା ସମୟରେ ଜୟ ଜଗନ୍ନାଥ ଧ୍ୱନୀରେ ଗ୍ରାମାଞ୍ଚଳ ପ୍ରକମ୍ପିତ ହୋଇଥିଲ। ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ମହିଳା ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକରୀ ସଭାପତି ସୁବାସିନି ଜେନା, ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବିଜେଡି ଜିଲା ଉପ–ସଭାପତି ଦେବ କୁମାର ଦେ, ବିଜେଡି ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସମେତ ବହୁ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## 'ନିୟମ ମାନିଲେ ଦୁର୍ଘଟଣା କମିବ'

### ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଭଦ୍ରକ,୭।୧(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସଂସ୍କୃତି ଭବନରେ ସଂସଦୀୟ ସଡ଼କ ସୁରକ୍ଷା କମିଟି ଅଧ୍ୟକ୍ଷା ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଏସ୍‌ପି ବାମଦେବ ସିଂ ପ୍ରମୁଖ ଯୋଗ ଦେଇଥିଲେ। ୨୦୨୨ରେ ସମୁଦାୟ ୩୩୨ଟି ଦୁର୍ଘଟଣା ଘଟିଥିବା ବେଳେ ୧୭୧ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୧୯୫ଜଣ ଆହତ ହୋଇଥିଲେ। ୨୦୨୩ରେ ମୋଟ ୨୯୨ଟି ଦୁର୍ଘଟଣାରେ ୧୩୬ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨୯ଜଣ ଆହତ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ ସୂଚନା ଦେଇଥିଲେ।

ବେପରୁଆ ଗାଡ଼ି ଚାଳନା, ନିଶାସକ୍ତ ହୋଇ ଗାଡ଼ି ଚଲାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର, ଦ୍ରୁତଗତିରେ ଚାଳନା, ହେଲ୍‌ମେଟ୍, ସିଟ୍‌ବେଲ୍ଟ ନ ପିନ୍ଧିବା ଆଦି ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ଗାଡ଼ି ଚାଳନା ସମୟରେ ସୁରକ୍ଷା ନିୟମ ମାନିଲେ ଦୁର୍ଘଟଣା ହ୍ରାସ ହେବ ବୋଲି କୁହାଯାଇଛି। ସଡ଼କ ସୁରକ୍ଷା ଆଇନ ଅବମାନନାରେ ୨୦୨୨ରେ ୧ କୋଟି ୨୬ ଲକ୍ଷ ୭୩ ହଜାର ୬୦୦ ଟଙ୍କା, ୨୦୨୩ରେ ୩ କୋଟି ୨୦ଲକ୍ଷ ୨୯ ହଜାର ୭୦୦ ଟଙ୍କା ଏବଂ ଏହି ସଡ଼କ ସୁରକ୍ଷା ସପ୍ତାହ ପାଳନ ମଧ୍ୟରେ ୯ ଲକ୍ଷ ୪୭ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା ମଞ୍ଚ ପରିଚାଳନା କରିଥିବା ବେଳେ ଏଆର୍‌ଟିଓ ଶ୍ରୀକାନ୍ତ ଦାସ, ବାମଦେବ ସାହୁ, ଜୁନିୟର ଏମ୍‌ଭିଆଇ ସେକ୍ ଅବଦୁଲ ରହିମ୍, ଟ୍ରାଫିକ୍ ଏସ୍‌ଆଇ ଶର୍ମିଷ୍ଠା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଏକ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ପଥଚାରୀଙ୍କ ଉପରେ ମାଡ଼ିଗଲା ବସ୍

କେନ୍ଦୁଝର,୭।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅଧୀନ ଢ଼ାଙ୍ଗରପଡ଼ା ନିକଟରେ ଶନିବାର ସନ୍ଧ୍ୟା ୯ଟା ୩୦ ସମୟରେ ଜଣେ ପଥଚାରୀଙ୍କ ଉପରେ ଏକ ବସ ମାଡ଼ିଯାଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ସ୍ଥାନୀୟ ଅଞ୍ଚଳର ରଘୁନାଥ ନାୟକ (୫୫)। ଦୁର୍ଘଟଣା ପରେ ବସ ଚାଳକ ନିକଟ ଏକ ଗ୍ୟାରେଜରେ ବସ ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ଉତ୍ସବ

ପାଟଣା,୭।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ପଡ଼ିଆରେ ରବିବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ଉତ୍ସବ (ଧୃତୀପାଳି ମହୋତ୍ସବ) ମୁରୁସୁଁଆ ସତସଙ୍ଗ ମନ୍ଦିର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସତସଙ୍ଗ ସଦାଲୋଚନା କାର୍ଯ୍ୟକ୍ରମ ଜିଲା ସତସଙ୍ଗ ସଭାପତି ଡା. ବେଣୁଧର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତାଭାବେ ସହପ୍ରତୀ ରତିକ ଜୟନ୍ତ ଦାସ ଠାକୁରଙ୍କ ଭାବାଦର୍ଶ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ରିତିକ, ଗୁରୁମା ଗୁରୁ, କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୨ ବିଶିଷ୍ଟ ବ୍ୟକ୍ତିତ୍ୱ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ବସ୍ତ୍ର, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୧୧ ଜଣ ନୂତନ ଅନୁଗାମୀ ଦୀକ୍ଷା ଗ୍ରହଣ କରିଥିଲେ। ସଂଗଠନ ତରଫରୁ ମାଗଣା ଚିକିତ୍ସା ଶିବିର, ଚକ୍ଷୁ ପରୀକ୍ଷା ଓ ହୋମିଓ ଚିକିତ୍ସା ଯୋଗାଇ ଦିଆଯାଇଥିଲା।




## ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା

କେନ୍ଦୁଝର,୭।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)




କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ସଡ଼କ ସୁରକ୍ଷା ସପ୍ତାହର ଅନ୍ତିମ ଦିନରେ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ଅବସରରେ ପରିବହନ, ପୋଲିସ ଓ ଅନ୍ୟ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀମାନେ ସଡ଼କ ସୁରକ୍ଷା ଉପରେ ଲିଖିତ ବିଭିନ୍ନ ପ୍ଲା–କାର୍ଡ ଧରି ଏବଂ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ବିଶିଷ୍ଟ କଳାକାର ଗୁରୁ ଦାସ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ସଚେତନ ମୂଳକ ସାଂସ୍କୃତିକ ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ଏସ୍‌ପି ନିତିନ କୁଶଲକର ତାଗୁଡୁ ପତାକା ହଲାଇ ରାଲିକୁ ଶୁଭାରମ୍ଭ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପ ନିର୍ଦ୍ଦେଶକ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଞ୍ଜୀବ ବାରିକ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ଡିଏଫ୍‌ଓ ଧନରାଜ ଏଚ୍‌ଡି, ଆରଟିଓ କେନ୍ଦୁଝର ଗୋପାଳ କୃଷ୍ଣ ଦାସ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ କହିବା ସହ ନିଜର ଓ ଅନ୍ୟର ଜୀବନ ରକ୍ଷା କରିବାକୁ ସଡ଼କ ସୁରକ୍ଷା ନିୟମକୁ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଡିଏସ୍‌ପି ଅମିତ ମହାନ୍ତି, ଟାଉନ ଥାନା ଅଧିକାରୀ ସୁନୀଲ କର ଉପସ୍ଥିତ ରହିଥିଲେ। ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ସପ୍ତାହ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

## ଡାକ୍ତରଙ୍କ ପରଲୋକ

ବାସୁଦେବପୁର, ୭।୧ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଡାକ୍ତର ଇଦ୍ରିଶ ଖାଁ(୮୦)ଙ୍କ ରବିବାର ପରଲୋକ ହୋଇଛି। ଜଣେ ସୁନାମଧନ୍ୟ ଚିକିତ୍ସକ ଭାବେ ସେ ପରିଚିତ ଥିଲେ। ପୂର୍ବାହ୍ନରେ ସେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ଅଞ୍ଚଳର ରୋଗୀମାନଙ୍କର ସେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସେବା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

